ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ଗୁରୁବାର, ସେପ୍ଟେମ୍ବର ୫ /୨୦୧୯ Rayagada, Thursday, September 5/ 2019

■ ସବୁ ବିଭାଗରୁ ନିରାଶ ହେଲେଣି ଫର୍ନିଚର ଦୋକାନ ମାଲିକ

# ରେଞ୍ଜ ଅଫିସ୍‌ରେ ପଡ଼ିଛି ଜବତ ୫୫ ଲକ୍ଷର ଫର୍ନିଚର

ସେମିଳିଗୁଡ଼ା,୪।୯(ସ୍ୱ.ପ୍ର.)

କୋରାପୁଟ ଜିଲା ସେମିଳିଗୁଡ଼ା ନନ୍ଦପୁର ରୋଡ୍ କୋଡିଗାଁ ନିକଟସ୍ଥ ମା' ଅମ୍ବିକା ଫର୍ଣ୍ଣିଚର ଦୋକାନର ମାଲିକ ବଟକୃଷ୍ଣ ମହାରଣା ବନ ବିଭାଗର ୨ ଜଣ ରେଞ୍ଜରଙ୍କ ନାଁରେ ଅଭିଯୋଗ ଆଣି ନ୍ୟାୟ ଦାବି କରିଛନ୍ତି। ମାଗଣାରେ ଆସବାବପତ୍ର ନ ଦେବାରୁ ଆକ୍ରୋଶମୂଳକ ଭାବେ ଉକ୍ତ ଦୁଇ ରେଞ୍ଜର ବନ ବିଭାଗ ଟିମ୍ ସହ ଆସି ତାଙ୍କ ଦୋକାନରେ ୨ ଥର ରେଡ୍ କରିଛନ୍ତି। ଏପରିକି ପ୍ରାୟ ୫୫ ଲକ୍ଷ ଟଙ୍କାର ଫର୍ଣ୍ଣିଚର ନେଇ ବିଭାଗୀୟ ରେଞ୍ଜ ଅଫିସ୍‌ରେ ପକାଇଛନ୍ତି। ସାନଭାଇଙ୍କୁ ଗିରଫ କରିବା ସହ ତାଙ୍କୁ ଗିରଫ ସହ କରେଣ୍ଟ ଦେଇ ନିର୍ଯାତନା ଦିଆଯାଇଥିବା ଭଳି ସଙ୍ଗୀନ ଅଭିଯୋଗ କରିଛନ୍ତି ବଟକୃଷ୍ଣ।

ବଟକୃଷ୍ଣଙ୍କ କହିବା ଅନୁସାରେ, ଗତ ଫେବୃୟାରୀ ୧୧ରେ ସେ ନଥିବା ବେଳେ କୋରାପୁଟ ରେଞ୍ଜର ଓ ସେମିଳିଗୁଡ଼ା ରେଞ୍ଜର ତାଙ୍କ ଫର୍ଣ୍ଣିଚର ଦୋକାନରେ ଚଢ଼ାଉ କରି ୩୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର କାଠ ଜବତ କରିବା ସହ ସାନଭାଇଙ୍କୁ ଗିରଫ କରିନେଇଥିଲେ। ତେବେ ଏହାର ୫ ଦିନ ପୂର୍ବରୁ ଉପରୋକ୍ତ ୨ ଜଣ ଅଧିକାରୀ ସାଧା ପୋଷାକରେ ଦୋକାନରେ ପହଞ୍ଚି ୨ଟି ଫର୍ଣ୍ଣିଚର ଦେଖିଥିଲେ। ଜଣେ ଅଫିସରଙ୍କୁ ଏହା ଉପହାର ଦିଆଯିବ ବୋଲି କହି ସେମାନେ ମାଗଣାରେ ଫର୍ଣ୍ଣିଚର ନେବା ପାଇଁ କହିବାରୁ ବଟକୃଷ୍ଣ ମନା କରିଦେଇଥିଲେ। ଏହାପରେ ୧୧ ତାରିଖ ବନ ବିଭାଗ ଟିମ୍ ଚଢ଼ାଉ କରିଥିଲା ଓ ସାନଭାଇ ପ୍ରଭାକର ଡକ୍ୟୁମେଣ୍ଟ ଦେଖାଇଥିଲେ ମଧ୍ୟ ସେମାନେ ତାହା ଚିରି ଫୋପାଡ଼ି ଦେବା ସହ ଫର୍ଣ୍ଣିଚର ଓ କାଠ ଜବତ କରିନେଇଥିଲେ ବୋଲି ବଟକୃଷ୍ଣ କହିଛନ୍ତି। ତେବେ ଜବତ ଜିନିଷର ସିଜର ଲିଷ୍ଟ ପାଇବା ପାଇଁ ଦୋକାନ ମାଲିକ ୪୦ ଦିନ ବନ ବିଭାଗ ଅଫିସ୍ ଦୌଡ଼ି ଦୌଡ଼ି ନିରାଶ ହେବା ପରେ ହାଇକୋର୍ଟର ଆଶ୍ରୟ ନେଇଥିଲେ। ସେମିଳିଗୁଡ଼ା ରେଞ୍ଜର ଓଆର୍ କେସ୍ ନଂ ୧୫୯/୨୦୧୮-୧୯ରେ ଥିବା ଏହି ମାଲାକୁ ୪ ମାସ ଭିତରେ ତୁଟାଇବା ସହ ଆବେଦନକାରୀ ମାଗିଥିବା ସିଜର ଲିଷ୍ଟ ସହ ଅନ୍ୟ ଡକ୍ୟୁମେଣ୍ଟ ଦେବା ପାଇଁ ଗତ ୧୯ ଏପ୍ରିଲରେ ହାଇକୋର୍ଟ ଡବ୍ଲ୍ୟୁ.ପି.(ସି) ନଂ ୭୫୯୧/୨୦୧୯ରେ କୋରାପୁଟ ଡିଭିଜନାଲ ଫରେଷ୍ଟ ଅଫିସରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାସତ୍ତ୍ୱେ କୋରାପୁଟ ବନ ବିଭାଗ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା କରିଥିବା ବଟକୃଷ୍ଣ ଅଭିଯୋଗ କରିଛନ୍ତି। ଏପରିକି କୋରାପୁଟ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ମଧ୍ୟ ସେ ପହଞ୍ଚି ଅଭିଯୋଗ ଜଣାଇଛନ୍ତି। ଏହାସହ ସେ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଓ ମୁଖ୍ୟ ଶାସନ ସଚିବ, ମୁଖ୍ୟ ବନ ସଂରକ୍ଷକଙ୍କୁ ମଧ୍ୟ ନିଜ ଅଭିଯୋଗର ନକଲ ପଠାଇଛନ୍ତି। ତଥାପି କୌଣସି ସୁଫଳ ମିଳି ନଥିଲା। ଗତ ୧୯ ଜୁଲାଇ ସନ୍ଧ୍ୟାରେ ବନ ବିଭାଗ ଟିମ୍ ପୁଣିଥରେ ଦୋକାନରେ ପଶି ୨୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର କାଠ ସିଜ୍ କରି ଏଥର ତାଙ୍କୁ ଗିରଫ କରିଥିଲା। ଗିରଫ କରି କୋର୍ଟକୁ ନେବାକୁ କହି ବାଟରେ ମାଡ଼ ମରାଯାଇଥିଲା। କୋରାପୁଟ ସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍‌ପିଟାଲରେ ସ୍ୱାସ୍ଥ୍ୟାବସ୍ଥା ପରୀକ୍ଷା କରି ବନ ବିଭାଗ ହାଜତରେ ରଖାଗଲା ଓ କରେଣ୍ଟ ଦିଆଗଲା। ଏଥିରେ ସେ ମୂର୍ଚ୍ଛା ଗଲେ। ଜୋରକରି ତାଙ୍କଠାରୁ ୭ଟି ପେପରରେ ଦସ୍ତଖତ ନିଆଗଲା ବୋଲି ଅଭିଯୋଗ କରିଛନ୍ତି ବଟକୃଷ୍ଣ। କୋରାପୁଟ ଡିଏଫ୍‌ଓଙ୍କୁ ଏନେଇ ଅଭିଯୋଗପତ୍ର ଦିଆଯାଇଥିଲେ ମଧ୍ୟ ସେ କିଛି ପଦକ୍ଷେପ ନେଇନାହାନ୍ତି। ବନ ଅଧିକାରୀ ଆକ୍ରୋଶ ରଖି ତାଙ୍କ ଦୋକାନରୁ ୫୫ ଲକ୍ଷ ଟଙ୍କାର କାଠ ଜୋର୍‌କରି ଜବତ କରିବା ସହ ନିଜ ଅଫିସ୍‌ରେ ରଖିଛି। ସେଗୁଡ଼ିକ ନ ଫେରାଇଲେ କୋରାପୁଟ ଡିଏଫ୍‌ଓ ଅଫିସ୍ ଆଗରେ ଆତ୍ମହତ୍ୟା କରିବେ ବୋଲି ଚେତାବନୀ ଦେଇଛନ୍ତି ବଟକୃଷ୍ଣ। ଏନେଇ ଡିଏଫ୍‌ଓଙ୍କୁ ଫୋନ୍ କରିଥିଲେ ମଧ୍ୟ ସେ ଉଠାଇ ନ ଥିଲେ। ଅନ୍ୟ ଜଣେ ରେଞ୍ଜର ଛୁଟିରେ ଥିବାରୁ ତାଙ୍କ ନମ୍ବର ସ୍ୱିଚ୍ଡ୍ ଅଫ୍ ରହିଥିଲା।

**ଦୋକାନ ମାଲିକଙ୍କ ଅଭିଯୋଗ**



- ■ଆକ୍ରୋଶ ରଖି ଏପରି କରିଛନ୍ତି ବନ ଅଧିକାରୀ
- ■ମାଲିକ, ତାଙ୍କ ଭାଇଙ୍କୁ ଗିରଫ ସହ ନିର୍ଯାତନା ଅଭିଯୋଗ
- ■ସିଜର ଲିଷ୍ଟ ଏଯାଏ ଦେଇନି ବନ ବିଭାଗ
- ■ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ଦୋକାନ ମାଲିକ
- ■ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ବି ଜଣାଇଥିଲେ

## ସଂକ୍ଷେପରେ

### ନନ୍ଦପୁରରେ ସର୍ବାଧିକ ବର୍ଷା ରେକର୍ଡ

**କୋରାପୁଟ,୪।୯(ସ୍ୱ.ପ୍ର.):** କୋରାପୁଟ ଜିଲାରେ ବୁଧବାର ୩୫୧.୭ ମିମି ବର୍ଷା ହୋଇଥିବା ଜିଲା ଜରୁରୀ ବିଭାଗ ସୂଚନା ଦେଇଛି। ସେଥିରୁ ଜିଲାର ନନ୍ଦପୁର ବ୍ଲକରେ ସର୍ବାଧିକ ୪୯.୨ ମିମି ବର୍ଷା ହୋଇଥିବାବେଳେ ସେମିଳିଗୁଡ଼ା ବ୍ଲକରେ ୪୧ ମିମି, କୋଟପାଡ଼ ବ୍ଲକରେ ୨୪ ମିମି, ପଟ୍ଟାଙ୍ଗି ବ୍ଲକରେ ୪୦ ମିମି, ନାରାୟଣପାଟଣା ବ୍ଲକରେ ୧ ମିମି, କୋରାପୁଟ ବ୍ଲକରେ ୧୩.୬ ମିମି, ଲମତାପୁଟ ବ୍ଲକରେ ୩୫.୨ ମିମି, ଦଶମନ୍ତପୁର ବ୍ଲକରେ ୧୦ ମିମି, ଲକ୍ଷ୍ମୀପୁର ବ୍ଲକରେ ୧ ମିମି, ଜୟପୁର ବ୍ଲକରେ ୧୦.୫ ମିମି, ବନ୍ଧୁଗାଁ ବ୍ଲକରେ ୩୩ ମିମି, କୁନ୍ଦୁରା ବ୍ଲକରେ ୧୩.୬ ମିମି, ବୋରିଗୁମ୍ମା ବ୍ଲକରେ ୪୪.୬ ମିମି, ବୈପାରିଗୁଡ଼ା ବ୍ଲକରେ ୩୫ ମିମି ବର୍ଷା ହୋଇଛି। ମଙ୍ଗଳବାର କୋରାପୁଟ- ବୋରିଗୁମ୍ମା ରାସ୍ତାର ଡାକରା ଗ୍ରାମ ନିକଟରେ ପାହାଡ଼ରୁ ଅତଡ଼ା ଖସିଥିବା ସ୍ଥାନରେ ବୁଧବାର ସକାଳେ ମଧ୍ୟ ପୁଣି ମାଟି ଅତଡ଼ା ଖସିଛି। ଜୟପୁର ଉପଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜେସିବି ଲଗାଇ ରାସ୍ତାରୁ ମାଟି ସଫା କରାଯାଉଛି।

### କୋରାପୁଟ ମେଡିକାଲରେ ପୀଡ଼ିତା ନାବାଳିକା

**କୋରାପୁଟ,୪।୯(ସ୍ୱ.ପ୍ର.):** କୋରାପୁଟ ଜିଲା ନନ୍ଦପୁର ବ୍ଲକର ଏକ ସେବାଶ୍ରମର ନବମ ଶ୍ରେଣୀ ଛାତ୍ରୀ ଏବେ ୮ ମାସର ଗର୍ଭବତୀ ଥିବାରୁ ତାଙ୍କୁ କୋରାପୁଟ ମେଡିକାଲରେ ଭର୍ତ୍ତି କରାଯାଇଛି। ଛାତ୍ରୀଙ୍କ ଅସୁସ୍ଥତା କାରଣରୁ ତାଙ୍କୁ ଏଠାରେ ଭର୍ତ୍ତି କରାଯାଇଥିବା ଜିଲା ଶିଶୁ ସୁରକ୍ଷା ଅଧିକାରୀ ରାଜଶ୍ରୀ ଦାସ ପ୍ରକାଶ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ ଦଶମନ୍ତପୁର ବ୍ଲକ ପିଣ୍ଡାପଦର ଅଞ୍ଚଳର ଜଣେ ଛାତ୍ରୀ ନନ୍ଦପୁର ବ୍ଲକର ଏକ ସେବାଶ୍ରମରେ ରହି ନବମ ଶ୍ରେଣୀରେ ପାଠ ପଢୁଥିଲେ। ସଂପୃକ୍ତ ସେବାଶ୍ରମର ରୋଷେୟା ତାଙ୍କ ସହ ଜବରଦସ୍ତ ଶାରୀରିକ ସମ୍ପର୍କ ରଖି ତାଙ୍କୁ ଗର୍ଭବତୀ କରିଥିବା ଅଭିଯୋଗ ହୋଇଥିଲା। ଏଥିରେ ସଂପୃକ୍ତ ରୋଷେୟା ଗିରଫ ପରେ ଜେଲ୍ ଯାଇଥିବା ବେଳେ ସଂପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ମଧ୍ୟ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି।

### ମାଡ଼ରେ ମହିଳା ଗୁରୁତର, ଅଭିଯୁକ୍ତ ଗିରଫ

**କୋରାପୁଟ,୪।୯(ସ୍ୱ.ପ୍ର.):** କୋରାପୁଟ ସଦର ଥାନା ଅନ୍ତର୍ଗତ ପରଜା ସୁଜୁଲି ଗ୍ରାମରେ ଗଣ୍ଡଗୋଳ ଘଟି ଜଣେ ମହିଳାଙ୍କୁ କାଠ ଫାଳିଆରେ ମାଡ଼ ଯୋଗୁ ତାଙ୍କ ମୁଣ୍ଡ ଫାଟି ଗୁରୁତର ହୋଇଛନ୍ତି। ଏଥିରେ ଅଭିଯୁକ୍ତଙ୍କୁ ଗିରଫ ପରେ ବୁଧବାର କୋର୍ଟ ଚାଲାଣ କରାଯାଇଛି। ସୂଚନା ଅନୁଯାୟୀ, କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ନନ୍ଦିଗାଁ ପଞ୍ଚାୟତର ପରଜା ସୁଜୁଲି ଗ୍ରାମର କୁର୍ଶ ମୁଦୁଲି ଓ ମୁକ୍ତା ମୁଦୁଲିଙ୍କ ମଧ୍ୟରେ କୌଣସି କାରଣୁ ପାଟିତୁଣ୍ଡ ହୋଇଥିଲା। ଏଥିରେ କୁର୍ଶ ରାଗିଯାଇ କାଠ ଫାଳିଆରେ ମୁକ୍ତାଙ୍କ ମୁଣ୍ଡକୁ ପିଟିବା ଦ୍ୱାରା ସେ ଗୁରୁତର ହୋଇଥିଲେ। ଏନେଇ ମୁକ୍ତାଙ୍କ ପରିବାର କୋରାପୁଟ ଥାନାରେ କୁର୍ଶଙ୍କ ବିରୋଧରେ ଏତଲା ଦେବା ପରେ କୋରାପୁଟ ସଦର ଥାନାରେ କେସ୍ ନଂ ୮୮/୨୦୧୯ରେ ମାମଲା ରୁଜୁ କରାଯାଇଥିଲା। ଏସ୍ଆଇ ଅର୍ଜୁନ ବାଙ୍କା ଏହାର ତଦନ୍ତ କରୁଥିବାବେଳେ ବୁଧବାର ଅଭିଯୁକ୍ତ କୁର୍ଶଙ୍କୁ ଧାରା ୩୦୭ରେ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

### ବାଣୁଆଗୁଡ଼ାରେ ନୂଆଖାଇ ପର୍ବ

**ଦଶମନ୍ତପୁର,୪।୯(ସ୍ୱ.ପ୍ର.):** ଦଶମନ୍ତପୁର ବ୍ଲକ୍ ଅନ୍ତର୍ଗତ ବାଣୁଆଗୁଡ଼ା ଗ୍ରାମରେ ବୁଧବାର ନୂଆଖାଇ ପର୍ବ ପାଳିତ ହୋଇଛି। ଏହି ପର୍ବ ବର୍ଷର ପ୍ରଥମ ପର୍ବ ହୋଇଥିବାବେଳେ ଗ୍ରାମବାସୀ ଅତି ନିଷ୍ଠାର ସହ ପାଳନ କରିଛନ୍ତି। ନୂଆଖାଇ ପାଳନ ପରେ ହିଁ ଉତ୍ପାଦିତ ନୂତନ ଅମଳକୁ ଖାଦ୍ୟ ଭାବେ ଖାଇବାର ନିୟମ ରହିଛି। ତେଣୁ ବୁଧବାର ନୂତନ ଅମଳ ସଂଗ୍ରହ କରି ମାଟିପାତ୍ରରେ ରୋଷେଇ କରାଯାଇଥିଲା। ପ୍ରତ୍ୟେକ ଘରୁ କିଛି ଅର୍ଥ ଆଦାୟ କରି ପୂଜା ସାମଗ୍ରୀ କିଣାଯିବା ପରେ ଗ୍ରାମ ଦେବୀଙ୍କ ନିକଟରେ ପୂଜାର୍ଚ୍ଚନା କରାଯାଇଥିଲା। ଗ୍ରାମବାସୀ ମାନସିକ କରି ବିଭିନ୍ନ ଭୋଗ ଠାକୁରାଣୀଙ୍କୁ ଅର୍ପଣ କରିଥିଲେ। ପୂଜାର୍ଚ୍ଚନା ପରେ ବଇଲାଣୀ କରି ପୂଜକ ପୀତବାସ ବାଣୁଆ ପ୍ରସ୍ତୁତ ହୋଇଥିବା ନୂଆ ଖାଦ୍ୟକୁ ପ୍ରତ୍ୟେକ ଘରେ ବାଣ୍ଟିଥିଲେ। ଏହା ପୂର୍ବରୁ ଯଦି କେହି ନୂତନ ଅମଳ ଜିନିଷ ଖାଆନ୍ତି, ତେବେ ଗ୍ରାମକୁ ମହାବିପତ୍ତି ଆସିବ ବୋଲି ଗ୍ରାମବାସୀଙ୍କ ଦୃଢ଼ ବିଶ୍ୱାସ ରହିଛି।

## ପଞ୍ଚାୟତ ଜମିରେ ପିଣ୍ଡି, ଦୋକାନଘର ନିର୍ମାଣ ଦାବି

ଜୟପୁର,୪।୯(ଡି.ଏନ୍.ଏ.)

ଜୟପୁର ବ୍ଲକ କୁମୁଲିପୁଟ ପଞ୍ଚାୟତ ସଦର ମୌଜାରେ ରହିଥିବା କାଜୁ ବଗିଚାକୁ କେତେକ ସ୍ଥାନୀୟ ଲୋକ ଜବରଦଖଲ କରି ସେଠାରୁ କାଜୁଗଛ କାଟି ନିଶ୍ଚିହ୍ନ କରିଦେଇଛନ୍ତି। ତୁରନ୍ତ ଏହି ଜମିରେ ଆଞ୍ଚଳିକ ବଜାର କମିଟି (ଆରଏମ୍‌ସି) ଏକ ବଜାର ଗୃହ ଏବଂ ଧାନକିଣା ପାଇଁ ପିଣ୍ଡି ନିର୍ମାଣ କରିବାକୁ କୁମୁଲିପୁଟ ସରପଞ୍ଚ ତଥା ଆରଏମ୍‌ସିର ପରିଚାଳନା କମିଟି ସଦସ୍ୟ ତ୍ରିନାଥ ମୁଦୁଲି ଗତ ଜୁଲାଇ ବୈଠକରେ ପ୍ରସ୍ତାବ ଦେଇଥିଲେ । ପଞ୍ଚାୟତ ବୈଠକରେ ଏହି ଜମିରେ ଆରଏମ୍‌ସି ଦ୍ୱାରା ନିର୍ମାଣ କାମ ପାଇଁ ପ୍ରସ୍ତାବ ଗୃହୀତ ହୋଇଛି। ଆରଏମ୍‌ସି ଅଧକ୍ଷ ତଥା ଉପଜିଲାପାଳଙ୍କୁ ପଞ୍ଚାୟତ ଚିଠିକରି ଅନୁରୋଧ କରିବା ସହ ଜମିରେ ଘର ଓ ପିଣ୍ଡି ନିର୍ମାଣ କରାଗଲେ ସାପ୍ତାହିକ ହାଟ, ଖରିଫ ଓ ରବିଧାନ କିଣାବିକା ହୋଇପାରିବ। ଏହାଦ୍ୱାରା ଜମିକୁ ଜବରଦଖଲରୁ ମୁକ୍ତ କରାଯିବା ସହ ଏଠାରେ ଭଡ଼ାସୂତ୍ରରେ ପଞ୍ଚାୟତର ଆୟ ହେବା ଓ ଆର୍ଥିକ ସ୍ଥିତିରେ ଉନ୍ନତି ହୋଇପାରିବ ବୋଲି ପଞ୍ଚାୟତ ବୈଠକରେ ନିଷ୍ପତ୍ତି ହୋଇଛି। ସୂଚନାଯୋଗ୍ୟ, କୁମୁଲିପୁଟ ଓ ଡାଙ୍ଗରା ରାସ୍ତାପାର୍ଶ୍ୱରେ କୁମୁଲିପୁଟ ମୌଜାର ୫ ଏକର କାଜୁବାଡ଼ ରହିଥିଲା। କିନ୍ତୁ ଗଛଗୁଡ଼ିକ ଲୋକେ କାଟି ନେଇଯାଇଥିବା ବେଳେ ଖାଲି ଜମି ରହିଛି। କେତେକ ଜବରଦଖଲକାରୀ ଏହାକୁ ଅକ୍ତିଆର କରିବା ପାଇଁ ମସୁଧା ଚଳାଇଥିବା ନେଇ ସରପଞ୍ଚ ମୁଦୁଲି ବାରମ୍ବାର ଅଭିଯୋଗ କରିଥିଲେ।

## ବାହାହେବାକୁ କହି ଗର୍ଭବତୀ କରିଥିଲେ ନାବାଳିକାଙ୍କ ଏତଲା ପରେ ଯୁବକ ଗିରଫ



ଜୟପୁର,୪।୯(ନି.ପ୍ର.)

ବିବାହର ପ୍ରଲୋଭନ ଦେଖାଇ ନାବାଳିକାଙ୍କୁ ଗର୍ଭବତୀ କରିଥିବା ନେଇ ଜୟପୁର ଟାଉନ ଥାନାରେ ଅଭିଯୋଗ ହୋଇଛି। ଏହାକୁ ଆଧାର କରି ପୋଲିସ ଅଭିଯୁକ୍ତ ଢେପଗୁଡ଼ାର କୈଳାସ ନାଏକ (୧୯)ଙ୍କୁ ଗିରଫ କରିଛି। ସୂଚନା ଅନୁଯାୟୀ, କୈଳାସ ପ୍ରଥମେ ନାବାଳିକା (୧୭)ଙ୍କ ସହ ପ୍ରେମ ସମ୍ପର୍କ ରଖିବା ପରେ ବିବାହ ପ୍ରଲୋଭନ ଦେଖାଇ ତାଙ୍କ ସହ ବାରମ୍ବାର ଶାରୀରିକ ସମ୍ପର୍କ ରଖିଥିଲେ। ବର୍ତ୍ତମାନ ନାବାଳିକା ଜଣକ ୪ ମାସର ଗର୍ଭବତୀ ରହିଛନ୍ତି। କିନ୍ତୁ ଏଭଳି ପରିସ୍ଥିତିରେ କୈଳାସ ବିବାହ କରିବାକୁ ମନା କରିଦେବା ପରେ ନାବାଳିକା ଜଣକ ନିଜ ପରିବାର ସହ ଟାଉନ ଥାନାକୁ ଯାଇ ଏତଲା ଦେଇଥିଲେ। ଅଭିଯୋଗ ପାଇ ପୋଲିସ କେସ୍ ନଂ ୧୮୪/୧୯ରେ ଏକ ମାମଲା ରୁଜୁକରି ଅଭିଯୁକ୍ତ କୈଳାସ ନାୟକଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିବା ଟାଉନଥାନା ଅଧିକାରୀ ବାଲେଶ୍ୱର ଗିଧି ପ୍ରକାଶ କରିଛନ୍ତି।

## ପାଣିସ୍ରୋତରେ ଭାସିଗଲେଣି ୨

- ■ଯୁବକଙ୍କ ମୃତଦେହ ଉଦ୍ଧାର
- ■ନିଖୋଜ ଅଛନ୍ତି ଜଣେ ବୃଦ୍ଧା

ବୋରିଗୁମ୍ମା,୪।୯(ଡି.ଏନ୍.ଏ.)

ଲଗାଣ ବର୍ଷା ଯୋଗୁ ବୋରିଗୁମ୍ମା ବ୍ଲକର ନଦୀ ଓ ନାଳ ଫୁଲିଥିବା ଯୋଗୁ ଗତ ୩ ଦିନ ଭିତରେ ପୃଥକ୍ ସ୍ଥାନରେ ଜଳସ୍ରୋତରେ ୨ ଜଣ ଭାସିଗଲେଣି। ତେବେ ଡମ୍ଭ ତୁରୁଞ୍ଜି ନିକଟସ୍ଥ ଚାବେରୀ ନଦୀରେ ଭାସିଯାଇ ନିଖୋଜ ଥିବା ଚିନ୍ତାମଣି ମୁଦୁଲିଙ୍କ ମୃତଦେହ ବୁଧବାର ଉଦ୍ଧାର ହୋଇଛି। ପାଣିସ୍ରୋତରେ ଭାସିଯିବାର ୪୮ ଘଣ୍ଟା ପରେ ମୃତଦେହ ଉଦ୍ଧାର କରିବାରେ ସଫଳ ହୋଇଛି ଓଡ୍ରାଫ୍ ଟିମ। ମଙ୍ଗଳବାରରୁ ବୁଧବାର ସନ୍ଧ୍ୟା ପର୍ଯ୍ୟନ୍ତ କୋରାପୁଟ ସ୍ଥିତ ତୃତୀୟ ବାଟାଲିୟନ ଓଡ୍ରାଫ୍ ଟିମ୍ ଉଦ୍ଧାର କାର୍ଯ୍ୟରେ ଲାଗିଥିଲା। ରାଜେଶ ସାହୁ, ସନ୍ତୋଷ ପଣ୍ଡା, ସନ୍ତୋଷ ଦଣ୍ଡସେନା, ମଣିଶଙ୍କର ପ୍ରଧାନ, ରଞ୍ଜିତ ତ୍ରିପାଠୀ, ଜଗବନ୍ଧୁ ଜାନି, ଶିବ ଖୋସ୍‌ଲାଙ୍କ ନେତୃତ୍ୱରେ ଓଡ୍ରାଫର ୮ଜଣିଆ ଟିମ୍ ଏଥିରେ ନିୟୋଜିତ ଥିଲେ। ଉଦ୍ଧାର ପରେ ମୃତଦେହର ବ୍ୟବଚ୍ଛେଦ କରାଯାଇ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଅନ୍ୟପକ୍ଷରେ ରଣସପୁର ପଞ୍ଚାୟତ ଜାନିଗୁଡ଼ା ନିକଟରେ ଥିବା ସିଙ୍ଗରି ନାଳରେ ବୁଧବାର ସନ୍ଧ୍ୟାରେ ଜଣେ ବୃଦ୍ଧା ଭାସିଯାଇ ନିଖୋଜ ରହିଛନ୍ତି।

■ କୋଟପାଡ଼ ଜେଇଏଲ୍‌ସି ଖ୍ରୀଷ୍ଟୀୟ ପଞ୍ଚାୟତ କର୍ମକର୍ତ୍ତା ନିର୍ବାଚନ

## ଉଦୟପ୍ରକାଶ ସଭାପତି, ରାଜକିଶୋର ସମ୍ପାଦକ

ଚାନ୍ଦିଲି(କୋଟପାଡ଼),୪।୯(ଡି.ଏନ୍.ଏ.)

କୋଟପାଡ଼ ଜେଇଏଲ୍‌ସି ଖ୍ରୀଷ୍ଟିୟ ପଞ୍ଚାୟତର ଦ୍ୱିବାର୍ଷିକ କର୍ମକର୍ତ୍ତା ନିର୍ବାଚନ ବୁଧବାର ଅନୁଷ୍ଠିତ ହୋଇଛି । ନିର୍ବାଚନ ଅଧିକାରୀ ରୂପେ ତାଲୁକ ପାଳକ ଡିନ୍ ରେଭ. ପି. ମାର୍ଟିନ ରାଓ ରହିଥିବା ବେଳେ ପାଳକ ରେଭ ଯୋଗେନ୍ଦ୍ର ନାୟକ ଏବଂ ରେଭ ଅମରେଶ ବେଣୁ ଏଥିରେ ସହଯୋଗ କରିଥିଲେ। ନିର୍ବାଚନରେ ସଭାପତି ଭାବେ ଉଦୟପ୍ରକାଶ କୁମାର, ଉପସଭାପତି ନବୀନ ମିଶନ ଗ୍ରହଣ, ସମ୍ପାଦକ ରୂପେ ରାଜକିଶୋର ପାଣି, କୋଷାଧକ୍ଷ ରୂପେ ପିତ୍ରାନନ୍ଦ ସନ୍ତୋଷ କୁମାର ନାୟକ ଏବଂ କାର୍ଯ୍ୟକାରୀ ସଦସ୍ୟ ରୂପେ ଧୀରଜ ଭତରା, ନିତ୍ୟାନନ୍ଦ ପଟନାୟକ, ଜୟଦାସ ବାଘ, ଶଶିକାନ୍ତ ଦାସ, ସଂଯୁକ୍ତା ଆଚାର୍ଯ୍ୟ, ପ୍ରେମାଞ୍ଜଳି କଛିମ, କୁମୁଦିନୀ ପାଲେନ ବାଘ ଏବଂ ସୁଚରିତା ଦୁଃଖୀ ନିର୍ବାଚିତ ହୋଇଥିଲେ। ନୂତନ କର୍ମକର୍ତ୍ତାଙ୍କୁ ଗ୍ରାମସଭା ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା।



ନବନିର୍ବାଚିତ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି ।

## ପ୍ଲାଷ୍ଟିକମୁକ୍ତ ଦିବସ ପାଳିତ




ମହାବିଦ୍ୟାଳୟ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା ।

ସୁନାବେଡ଼ା,୪।୯(ଡି.ଏନ୍.ଏ.)

ସୁନାବେଡ଼ା ସ୍ଥିତ ଡିଗ୍ରୀ ମହାବିଦ୍ୟାଳୟରେ ପ୍ଲାଷ୍ଟିକ ମୁକ୍ତ ଦିବସ ପାଳିତ ହୋଇଛି। ମୁଖ୍ୟ ଅତିଥି ଭାବେ ପୌର ପରିଷଦ କାଉନସିଲର ସୁମନ କିରନ ପ୍ରିୟଦର୍ଶନୀ ପ୍ଲାଷ୍ଟିକମୁକ୍ତ ଭାରତ ଗଠନ ପାଇଁ ସଚେତନ କରାଇଥିଲେ। ମହାବିଦ୍ୟାଳୟ ଅଧକ୍ଷା ଉଷାରାଣୀ ଦାସ ସଭା ପରିଚାଳନା କରିବା ସହ ଏଥିରେ ଶିକ୍ଷା ବିଭାଗ ଅଧ୍ୟାପିକା ବାସନ୍ତୀ ପଟ୍ଟନାୟକ, ଓଡ଼ିଶା ଅଧ୍ୟାପକ ଡ. ବାସୁଦେବ ସାହୁ, ଶିକ୍ଷା ବିଭାଗ ଡେମୋନଷ୍ଟ୍ରେଟର ଲକ୍ଷ୍ମୀପ୍ରିୟା ଚୌଧୁରୀ, ଲାଇବ୍ରେରିଆନ ପ୍ରହ୍ଲାଦ ପ୍ରଧାନ ଭାଗ ନେଇଥିଲେ। ଅଧ୍ୟାପିକା ତଥା ଏନ୍ଏସ୍ଏସ୍ କାର୍ଯ୍ୟକ୍ରମ ଅଧିକାରୀ ସରିତା ପରିଡ଼ା ସ୍ୱାଗତ ଭାଷଣ ଓ ୱାଇଆର୍‌ସି କାଉନସିଲର ଶୁଭଶ୍ରୀ ପରିଡ଼ା ଧନ୍ୟବାଦ ଦେଇଥିଲେ।

## ରାସ୍ତାକଡ଼ରେ ନବଜାତକର ମୃତଦେହ

ଲମତାପୁଟ,୪।୯(ଡି.ଏନ୍.ଏ.)

ଲମତାପୁଟ ବ୍ଲକ ତୁସୁବା ମୁଖ୍ୟରାସ୍ତା ଛକରୁ ନବଜାତ ଶିଶୁର ମୃତଦେହ ପଡ଼ିଥିବା ବୁଧବାର ଦେଖିବାକୁ ମିଳିଛି। କେହି ମହିଳା ଏହି ଶିଶୁକୁ ଜନ୍ମ ଦେବା ପରେ ଏଠାରେ ପକାଇ ପଳାଇଥିବା ସନ୍ଦେହ କରାଯାଉଛି। ଲମତାପୁଟ ପୋଲିସ ସେଠାରେ ପହଞ୍ଚି ମୃତଦେହ ଉଦ୍ଧାର କରିବା ପରେ ବ୍ୟବଚ୍ଛେଦ କରାଇବା ସହ ତଦନ୍ତ କରୁଛି।

## ଟ୍ରାକ୍ଟରରୁ ଖସି ଶ୍ରମିକ ମୃତ

ଦଶମନ୍ତପୁର,୪।୯(ଡି.ଏନ୍.ଏ.)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ପରଜାବେଡ଼ାପଦର ପଞ୍ଚାୟତ ସେମ୍ଭି ଗ୍ରାମର ଜଣେ ବ୍ୟକ୍ତି ଟ୍ରାକ୍ଟରରୁ ଖସି ପ୍ରାଣ ହରାଇଛନ୍ତି। ମୃତକ ହେଲେ ଶୁକ୍ରୁ ନାୟକ (୫୫)। ଶ୍ରମିକ ଭାବେ କାମ କରୁଥିବା ଶୁକ୍ରୁ ଟ୍ରାକ୍ଟର ଜିନିଷ ଓହ୍ଲାଇ ଫେରୁଥିବା ବେଳେ ସେଥିରେ ବସିଥିଲେ। ତୋଟାଗୁଡ଼ା ବୁଲାଣିରେ ହଠାତ୍ ସେ ଟ୍ରାକ୍ଟରରୁ ଖସିପଡ଼ିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଦଶମନ୍ତପୁର ସିଏଚ୍‌ସିରେ ଭର୍ତ୍ତି କରାଯାଇଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କର ୨ଟି ଝିଅ ଓ ୨ଟି ପୁଅ ରହିଥିବା ବେଳେ ତାଙ୍କ ପରିବାରକୁ କ୍ଷତିପୂରଣ ଦେବା ପାଇଁ ଦାବି ହୋଇଛି। ପୋଲିସ ଏଏସ୍ଆଇ ବିଜୟ କେତନ ପଣ୍ଡା ଓ ବାବୁଲା ପ୍ରଧାନ ତଦନ୍ତ କରୁଛନ୍ତି।

## ଦିନ ତମାମ ପାଣି ଟୋପେ ମିଳିଲାନି

କୋରାପୁଟ,୪।୯(ସ୍ୱ.ପ୍ର.)

କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ ବୁଧବାର ସକାଳୁ ଦିନ ତମାମ ପାନୀୟ ଜଳ ସଙ୍କଟ ରହିବା ଯୋଗୁ ରୋଗୀ ଓ ତାଙ୍କ ସଂପର୍କୀୟ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ମେଡିକାଲର ବିଦ୍ୟୁତ ବିଭାଗରେ କୌଣସି ତ୍ରୁଟି ଯୋଗୁ ଏଭଳି ସମସ୍ୟା ଉପୁଜିଥିଲା। ଅପରାହ୍ନ ପରେ ବିଦ୍ୟୁତ ସେବା ସ୍ୱାଭାବିକ ହେବା ପରେ ବର୍ତ୍ତମାନ ମେଡିକାଲରେ ୩ଟି ମୋଟର ଯୋଗେ ପାଣି ଉଠାଯାଉଥିବା ମେଡିକାଲ କର୍ତ୍ତୃପକ୍ଷ କହିଛନ୍ତି। ସକାଳେ ଉପର ଟାଙ୍କିରେ ଥିବା ପାଣି ଦ୍ୱାରା ପୂର୍ବାହ୍ନ ଯାଏ କଷ୍ଟ ମଷ୍ଟେ ଅଧିକାଂଶ ୱାର୍ଡ ଚଳିଯାଇଥିଲା। କିନ୍ତୁ ମଧ୍ୟାହ୍ନରୁ ପାନୀୟ ଜଳର ସଙ୍କଟ ଗୁରୁତର ହେବା ସହ ଏହାର ପ୍ରଭାବ ରୋଗୀ ଓ ସଂପର୍କୀୟ ଭୋଗିଛନ୍ତି। ସେମାନେ ଦୋକାନରୁ ପାଣି ବୋତଲ କିଣି ବ୍ୟବହାର କରିଥିବା ଶ୍ରୀବତ୍ସ ନାୟକ ନାମକ ଜଣେ ରୋଗୀଙ୍କ ସମ୍ପର୍କୀୟ ପ୍ରକାଶ କରିଛନ୍ତି।

ପ୍ରତ୍ୟେକ ଦିନ ମେଡିକାଲ ଇନଡୋରରେ ପ୍ରାୟ ୫୦୦ ଜଣ ରୋଗୀ ଓ ଆଉଟଡୋରରେ ପ୍ରାୟ ୧୦୦୦ ଜଣ ରୋଗୀ ଚିକିତ୍ସା ପାଇଁ ଆସୁଛନ୍ତି। ସେମାନଙ୍କ ଯୋଗୁ ମେଡିକାଲରେ ଠିକ୍ ଭାବେ ପାନୀୟ ଜଳ ମହଜୁଦ୍ ରହିପାରୁ ନଥିବା ହସ୍‌ପିଟାଲର ମ୍ୟାନେଜର ଶୁଭେନ୍ଦୁ ପଣ୍ଡା କହିଛନ୍ତି। ସନ୍ଧ୍ୟା ସୁଦ୍ଧା କିଛି ୱାର୍ଡରେ ପାନୀୟ ଜଳ ଯୋଗାଣ ସ୍ୱାଭାବିକ ହୋଇଥିବାବେଳେ ଆଉ କିଛି ଘଣ୍ଟା ପରେ ସବୁ ୱାର୍ଡରେ ପାନୀୟ ଜଳ ଯୋଗାଇ ଦିଆଯିବ ବୋଲି ସେ ପ୍ରକାଶ କରିଛନ୍ତି। ମେଡିକାଲରେ ବିଭିନ୍ନ ପ୍ରକାର ୧୮ଟି ୱାର୍ଡ ରହିଥିବାବେଳେ କେବଳ ଡାଏଲିସିସ ୱାର୍ଡ ପାଇଁ ମେଡିକାଲକୁ ଯୋଗାଣ ହେଉଥିବା ପାନୀୟ ଜଳର ଅର୍ଦ୍ଧାଧିକ ଦରକାର ପଡୁଛି। ମାସକ ତଳେ ଏହିପରି ପାନୀୟ ଜଳ ସଙ୍କଟ ଦେଖାଦେବା ଯୋଗୁ ପିଏଚ୍‌ଡି ବିଭାଗ ୩ଟି ପାଣି ଟାଙ୍କି ଅଣାଯାଇ ପାନୀୟ ଜଳ ଯୋଗାଇ ଦିଆଯାଇଥିଲା। ସେହିପରି ମେଡିକାଲ କଲେଜ ପାଇଁ ଜିଲା ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବର୍ତ୍ତମାନ ଏକ ସ୍ୱତନ୍ତ୍ର ପାଇପ ଲାଇନ କାର୍ଯ୍ୟ ଚାଲିଛି। ଫେବୃୟାରୀ ସୁଦ୍ଧା ଏହା କାର୍ଯ୍ୟକ୍ଷମ ହେବ। କିଛି ଦିନ ତଳେ ମେଡିକାଲ କଲେଜରେ ଆରଡିସିଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଏହା ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

**କୋରାପୁଟ ମେଡିକାଲ**




- ■ ଆଉଟଡୋର୍‌ରେ ଭିଡ଼ ପାଇଁ ଖର୍ଚ୍ଚ ହେଉଛି ଅଧିକ ପାଣି
- ■ ଡାଏଲିସିସ୍ ୱାର୍ଡ଼ରେ ମେଡିକାଲର ଅଧା ପାଣିଯାଉଛି



Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ଗୁରୁବାର, ସେପ୍ଟେମ୍ବର ୫/୨୦୧୯ Rayagada, Thursday, September 5 / 2019

# ଫାଇଲ୍‌ରେ ଅଟକିଛି ଲାଇଟ୍ ଟ୍ରାପ୍ ମେଶିନ

## ସାଢ଼େ ୯ କୋଟି ବ୍ୟୟରେ ୩୯୮ ମେଶିନ ଜିଲାର ଚାଷୀଙ୍କୁ ଦିଆଯିବାର ଥିଲା

**ଭାଗ୍ୟଶ୍ରୀ ମିଶ୍ର**
**ରାୟଗଡ଼ା ଅଫିସ, ୪।୯**

କୀଟନାଶକ ପ୍ରୟୋଗ ନ କରି ଚାଷକୁ ରୋଗପୋକ ଦାଉରୁ ରକ୍ଷା କରିବା ପାଇଁ ଲାଇଟ୍ ଟ୍ରାପ ମେଶିନ ପ୍ରସ୍ତୁତ ହୋଇଛି। କୃଷି ଓ କୃଷକଙ୍କୁ ସହାୟକ ହେବା ପାଇଁ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା (ଆର୍‌କେଭିୱାଇ)ରେ ସେମାନଙ୍କୁ ଏହି ମେଶିନ ଦିଆଯିବା କଥା। ରାୟଗଡ଼ା ପାଇଁ ପ୍ରାୟ ସାଢ଼େ ୯ କୋଟି ମୂଲ୍ୟର ୩୯୮ଟି ମେଶିନ ଜୁଲାଇ ଆରମ୍ଭରୁ ବଣ୍ଟାଯିବା ପାଇଁ ଗତ ମାର୍ଚ୍ଚରୁ ଚିଠି ହୋଇଥିଲା। କିନ୍ତୁ ସେପ୍ଟେମ୍ବର ପ୍ରଥମ ସପ୍ତାହ ସୁଦ୍ଧା ଏହା କାର୍ଯ୍ୟକାରୀ ହୋଇ ନ ଥିବା ଜଣାପଡ଼ିଛି।

ଫସଲରେ କୀଟ ଲାଗି ପ୍ରତ୍ୟେକ ବର୍ଷ ଉତ୍ପାଦନର ପ୍ରାୟ ୨୦ ପ୍ରତିଶତ ନଷ୍ଟ ହୋଇଥାଏ। ଏଥିପାଇଁ ନ୍ୟାସନାଲ ସେଣ୍ଟର ଫର୍ ଇଣ୍ଟିଗ୍ରେଟେଡ୍ ପେଷ୍ଟ ମ୍ୟାନେଜ୍‌ମେଣ୍ଟ ଏହି ଲାଇଟ୍ ଟ୍ରାପ୍ ମେଶିନ ବିକଶିତ କରିଛି। ଯାହା କୀଟଙ୍କ ଦାଉରୁ ଫସଲକୁ ରକ୍ଷା କରିବ। ଚାଷୀ ଏହାକୁ ନିଜ ଜମିରେ ରଖିବା ଦ୍ୱାରା ଲାଗିଥିବା ଲାଇଟ୍ ପ୍ରତି ଆକୃଷ୍ଟ ହୋଇ ପୋକ ସବୁ ତା' ନିକଟକୁ ଯିବେ। ପରେ ଏଥିରେ ଥିବା କୋଠରିରେ ଫସିଯିବେ। ଏହାପରେ ଚାଷୀ ଉକ୍ତ ଲାଇଟ୍ ଟ୍ରାପ ମେଶିନ୍‌ରେ ପଡିଥିବା ପୋକର ଫଟୋକୁ ସରକାରୀ କୃଷି ଅଧିକାରୀଙ୍କ ଇ-ମେଲ୍ ଆଇଡି ନଚେତ ହ୍ୱାଟ୍ସଆପ୍‌ରେ ପଠାଇବେ। କୃଷି ଅଧିକାରୀ ଏହି ସମସ୍ତ



ତଥ୍ୟ ଗବେଷଣାଗାରକୁ ପଠାଇବେ। ସେଠାରେ କୃଷି ବୈଜ୍ଞାନିକମାନେ ତଥ୍ୟ ଓ ଫଟୋକୁ ଆଧାର କରି କେଉଁ ମାସରେ କେଉଁ କୀଟ, କେଉଁ ଭୌଗୋଳିକ ଅଞ୍ଚଳରେ କେଉଁ କୀଟ ରହୁଛି ଜାଣିପାରିବେ। ସେହିଭଳି ନୂତନ ଧରଣର କିଛି କୀଟ ଯଦି ଉକ୍ତ ଅଞ୍ଚଳରେ ଥାଏ, ତାହା ମଧ୍ୟ ଜାଣିହେବ। ଫଳରେ ଏ ସମ୍ପର୍କରେ ଅଧିକ ଗବେଷଣା କରାଯାଇ ଏହାର ପ୍ରତିକାର କରାଯାଇପାରିବ। ଏହି ଲାଇଟ୍ ଟ୍ରାପ୍ ମେଶିନ୍‌କୁ ଚାଷୀମାନଙ୍କୁ ଜୁଲାଇ ଆରମ୍ଭରୁ ଦିଆଯିବା କଥା। ସେମାନେ ନିଜ ଜମିରେ ଉକ୍ତ ମେଶିନ୍‌କୁ ଅକ୍ଟୋବର ପର୍ଯ୍ୟନ୍ତ ରଖିବେ। ୪ ମାସ ପରେ କୃଷି ବିଭାଗକୁ ଏହି ଲାଇଟ୍ ଟ୍ରାପ୍ ମେଶିନ୍ ଫେରସ୍ତ କରିବାବେଳେ ଚାଷୀଙ୍କୁ ୫୦୦ ଟଙ୍କା ବିଭାଗ ପକ୍ଷରୁ ଦିଆଯିବା ବ୍ୟବସ୍ଥା ରହିଛି। ଓଡ଼ିଶାରେ ୨୦୪୦ଟି ପଞ୍ଚାୟତରେ ୧୪,୮୨୦ ଲାଇଟ୍ ଟ୍ରାପ୍ ମେଶିନ ସ୍ଥାପନ କରାଯିବା ଯୋଜନା କରାଯାଇଥିଲା। ରାୟଗଡ଼ାରେ ୯ କୋଟି ୪୩ ଲକ୍ଷ ୭୮ ହଜାର ୫୦୦ ଟଙ୍କା ବ୍ୟୟ ଅଟକଳରେ ୩୯୮ଟି ଲାଇଟ୍ ଟ୍ରାପ୍ ମେଶିନ ଯୋଗାଣ ବ୍ୟବସ୍ଥା ରହିଥିବା କୃଷି ବିଭାଗ ପକ୍ଷରୁ ମାର୍ଚ୍ଚ ୧୫ରେ ମିଳିଥିବା ଚିଠିରୁ ଜଣାପଡ଼ିଛି। ଏ ନେଇ ରାୟଗଡ଼ା ଜିଲା କୃଷି ଉପନିର୍ଦ୍ଦେଶକ କୃଷ୍ଣଚନ୍ଦ୍ର ସିଂଙ୍କୁ ପଚାରିବାରୁ ସେ କହିଛନ୍ତି, କୀଟନାଶକ ଗବେଷଣା ପ୍ରକଳ୍ପକୁ ଆଗାମୀ ଦିନରେ କାର୍ଯ୍ୟକାରୀ କରାଯିବ।

## ସଂକ୍ଷେପରେ



### ଦୁର୍ଗାପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ

**ବିଷମକଟକ, ୪।୯:** ଦୁର୍ଗାପୂଜା ପାଇଁ ବୁଧବାର ବିଷମକଟକ କଲ୍ୟାଣ ମଣ୍ଡପରେ ଶୁଭ ଖୁଣ୍ଟି ସ୍ଥାପନ କରାଯାଇଛି। ପୂଜକ ରାମଚନ୍ଦ୍ର ରଥ, ସପନ ରଥ, କେଶବ ରଥ ଓ ଶିବରାମ ରଥଙ୍କ ପୌରୋହିତ୍ୟରେ ପୂଜାର୍ଚ୍ଚନା କରାଯାଇ ଶୁଭଖୁଣ୍ଟି ସ୍ଥାପନ ହୋଇଛି। ଏହି ଅବସରରେ ପୂଜା କମିଟି ସଭାପତି ଅମର ପ୍ରସାଦ, ଉପସଭାପତି ଏମ୍.ଦିଲୀପ କୁମାର, ସମ୍ପାଦକ ବିଭୂତି ଭୂଷଣ ନାୟକ, କୋଷାଧ୍ୟକ୍ଷ ସୀତାରାମ ପାଣିଗ୍ରାହୀ, ବାବୁ ରଥ, ଅନିଲ କୁମାର ଦାସ, ସନ୍ତୋଷ କୁମାର ସେଠୀଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ଏଥିସହ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଚଳିତବର୍ଷ ପୂଜା ୫ ଦିନ ଧରି ଚାଲିବ। ମା'ଙ୍କ ପ୍ରତିମା, ତୋରଣକୁ ଆକର୍ଷଣୀୟ ଓ ପୂଜାମଣ୍ଡପ ସାଜସଜ୍ଜା ଉପରେ ଗୁରୁତ୍ୱ ଦିଆଯିବ ବୋଲି ପୂଜା କମିଟି ପକ୍ଷରୁ କୁହାଯାଇଛି। ପୂଜା ଅବସରରେ ଭକ୍ତଙ୍କ ମନୋରଞ୍ଜନ ପାଇଁ ମେଲୋଡି, ଭଜନ ସନ୍ଧ୍ୟା ଆଦି କାର୍ଯ୍ୟକ୍ରମ କରାଯାଇଛି।

### ସ୍ପିଡ୍ ବ୍ରେକରକୁ ବିରୋଧ କରି ଥାନାରେ ମାମଲା

**ଗୁଣପୁର,୪।୯(ଡି.ଏନ୍.ଏ.):** ରାୟଗଡା ଜିଲା ଗୁଣପୁର ପୂର୍ତ୍ତ ବିଭାଗ ରାସ୍ତାର ବିଭିନ୍ନ ସ୍ଥାନରେ ସ୍ପିଡ ବ୍ରେକର। ଏକାଧିକ ଭାବରେ ସ୍ପିଡ ବ୍ରେକର ଯୋଗୁ ଯାନବାହନ ଚଳାଚଳରେ ବ୍ୟାପକ ସମସ୍ୟା ସୃଷ୍ଟି ହେଉଛି ବୋଲି ସାମାଜିକ କର୍ମୀ ଆଶୁତୋଷ ବରାଳ ଗୁଣପୁର ଥାନାରେ ଅନ୍‌ଲାଇନ୍‌ରେ ଏତଲା ରୁଜୁ କରିଛନ୍ତି। ପୂର୍ତ୍ତ ବିଭାଗ ବେଆଇନ ଭାବରେ ରାସ୍ତା ଉପରେ ସ୍ପିଡ ବ୍ରେକର ନିର୍ମାଣ କରିଛି। ଏହାଦ୍ୱାରା ଯାତାୟାତରେ ଲୋକଙ୍କ ସମସ୍ୟା ହେଉଛି। ଏହାର ପ୍ରତିକାର କରାଯାଉ ବୋଲି ଏତଲାରେ ରହିଛି।

### ହିତାଧିକାରୀଙ୍କୁ କାର୍ଯ୍ୟାଦେଶ



**ଦୁର୍ଗୀ, ୪।୯:** ଦୁର୍ଗୀ ପଞ୍ଚାୟତ କାର୍ଯ୍ୟାଳୟରେ ବୁଧବାର ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ଗ୍ରାମୀଣ (ପିଏମ୍‌ୱାଇ)ରେ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ବ୍ଲକ ଚେୟାରମ୍ୟାନ ବିଜୟୀ ଶାନ୍ତି କୁମୁରୁକା ଯୋଗ ଦେଇଥିବାବେଳେ ସରପଞ୍ଚ ରଶ୍ମିତା କୁମୁରୁକା, ନାଏବ ସରପଞ୍ଚ ବାସୁ ପ୍ରାସ୍କା ଓ ପ୍ରମୋଦ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ୪ମାସରେ ଘର ତିଆରି କାମ ଶେଷ କଲେ ସରକାର ୨୦ହଜାର ଟଙ୍କା ପ୍ରୋତ୍ସାହନ ରାଶି ଦେବେ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ୪୦ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା।

■ ସିଲାଇ ତାଲିମ କେନ୍ଦ୍ର ଉଦ୍‌ଘାଟିତ

## ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ଲକ୍ଷ୍ୟ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

**ଜେକେପୁର,୪।୯**

ଥେରୁବାଲି ଇମ୍ଫା କାରଖାନା ଅଧୀନ ସାମାଜିକ ଦାୟିତ୍ୱବୋଧ ସଂସ୍ଥା ପକ୍ଷରୁ ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେଶନ ଦ୍ୱାରା ପରିଚାଳିତ ମହିଳା ସିଲାଇ ତାଲିମ କେନ୍ଦ୍ରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରାଯାଇଛି। ଇମ୍ଫା ଲେଡିଜ କ୍ଲବ ସଭାନେତ୍ରୀ ଶ୍ରୀମତୀ କେ.ମାଲେଶ୍ୱରୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ମହିଳାମାନେ ଆତ୍ମନିର୍ଭରଶୀଳ ହେଲେ ପରିବାର ଓ ସମାଜର ଆର୍ଥିକ ମାନଦଣ୍ଡ ସୁଦୃଢ଼ ହୋଇପାରିବ ବୋଲି ସେ କହିଥିଲେ। ରାୟଗଡ଼ା ଆଞ୍ଚଳିକ ଶିଳ୍ପ କେନ୍ଦ୍ରର ଶିଳ୍ପ ସମ୍ପ୍ରସାରଣ ଅଧିକାରୀ ସବ୍ୟସାଚୀ ସାହୁ ଓ ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପଲ୍ଲୀ ବିକାଶର ନିର୍ଦ୍ଦେଶକ ରାଧାଶ୍ୟାମ ପଣ୍ଡା ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ମହିଳାମାନଙ୍କୁ ସ୍ୱାବଲମ୍ବୀ କରାଇବାକୁ ସରକାରଙ୍କ ପକ୍ଷରୁ ନିଆଯାଉଥିବା ପଦକ୍ଷେପ ଉପରେ ଆଲୋଚନା ହୋଇଥିଲା। ପଲିଥିନ୍ ଉପରେ ରୋକ ଲଗାଇବା ପାଇଁ ଝୋଟରେ ତିଆରି ବିଭିନ୍ନ ଉପକରଣ ବ୍ୟବହାର ଉପରେ ଅତିଥିମାନେ ଗୁରୁତ୍ୱ ଦେଇଥିଲେ। ଇମ୍ଫା ଲୋକ ସମ୍ପର୍କ ବିଭାଗ ପରିଚାଳକ ଶକ୍ତି ପ୍ରସାଦ ପାଣିଗ୍ରାହୀ ମହିଳା ସିଲାଇ ତାଲିମ କେନ୍ଦ୍ରର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଇମ୍ଫା ଲେଡିଜ କ୍ଲବ ସଭ୍ୟା ବସନ୍ତ ମାଳତୀ ସ୍ୱାଇଁ, ସମିତା ପଟ୍ଟନାୟକ, ମିନତି ଦେ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାନୁଯାୟୀ, ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେଶନ ଦ୍ୱାରା ୨୦୧୧ରୁ ଏହି ସିଲେଇ ତାଲିମ କେନ୍ଦ୍ର ପରିଚାଳିତ ହେଉଛି। ଏଥିରେ ୧୭୦ ମହିଳା ମାଗଣା ତାଲିମ ନେଇ ରୋଜଗାରକ୍ଷମ ହୋଇଛନ୍ତି। ଏଥିସହ ତାଲିମପ୍ରାପ୍ତ କୁଶଳୀ ମହିଳା ସିଲେଇ କରିବା ପାଇଁ ଆନୁଷଙ୍ଗିକ ବ୍ୟବସ୍ଥା ମଧ୍ୟ କରାଯାଇଛି।

### ବୈତରଣୀରେ ନିଖୋଜ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

**ଭଣ୍ଡାରିପୋଖରୀ, ୪।୯ (ଡି.ଏନ.ଏ.)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଧୀନ ମାଳଦା ପଞ୍ଚାୟତ ରଘୁନାଥପୁର ଗ୍ରାମର ଦାମୋଦର ବୋଇତାଇ(୮୪) ଗତ ୧୮ ତାରିଖରୁ ନିଖୋଜ ଥିଲେ। ବୁଧବାର ବୈତରଣୀର ଦାଣ୍ଡକୂଳ ନିକଟ ନଦୀକୂଳରୁ ତାଙ୍କ ମୃତଦେହ ପୋଲିସ ଉଦ୍ଧାର କରିଛି। ଏ ନେଇ ଭଣ୍ଡାରିପୋଖରୀ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୨୨/୧୯) ରୁଜୁ କରାଯାଇ ବ୍ୟବଚ୍ଛେଦ ପାଇଁ ଭଦ୍ରକ ଚିକିତ୍ସାଳୟକୁ ପଠାଯାଇଥିଲା। ପରିବାର ଲୋକଙ୍କ ସୂଚନା ଅନୁଯାୟୀ, ୧୮ତାରିଖ ପୂର୍ବାହ୍ନରୁ ଦାମୋଦର ଘରୁ କେଉଁଆଡ଼େ ଚାଲିଯାଇଥିଲେ। ବନ୍ଧୁବାନ୍ଧବଙ୍କ ଘରେ ଖୋଜାଖୋଜି କରି ସେମାନେ ନିରାଶ ହୋଇଥିଲେ। ବୈତରଣୀ ନଦୀରେ ପାଣି ଅଧିକ ଥିବାରୁ ବୁଡ଼ିଯାଇଥିବା ସନ୍ଦେହ କରି ଯାଜପୁର ଦମକଳ କର୍ମଚାରୀଙ୍କ ଦ୍ୱାରା ଖୋଜାଖୋଜି କରିଥିଲେ ମଧ୍ୟ ଦାମୋଦରଙ୍କ ପତ୍ତା ମିଳି ନ ଥିଲା। ମଙ୍ଗଳବାର ସନ୍ଧ୍ୟାରେ ବୈତରଣୀରେ ଜଣେ ଧୀବର ଜାଲ ପକାଉଥିବା ବେଳେ ଦାଣ୍ଡକୂଳ ନିକଟରେ ଏକ ମୃତଦେହ ଲାଗିଥିବା ଦେଖିଥିଲେ।



ନିଲାମ ହୋଇଥିବା ଗଣେଶଙ୍କ ଲଡୁକୁ ନେଉଛନ୍ତି ଭକ୍ତ।

## ବିଦାୟ ନେଲେ ଗଣପତି

### ୧୧ ହଜାର ଟଙ୍କାରେ ଲଡୁ ନିଲାମ

**ଟିକିରି, ୪।୯(ଡି.ଏନ୍.ଏ.)**

କାଶୀପୁର ବ୍ଲକ ଟିକିରିରେ ବୁଧବାର ଗଣେଶଙ୍କ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଛି। ବଣିକ ସଂଘ ପକ୍ଷରୁ ବସା ଯାଇଥିବା ଗଣେଶଙ୍କୁ ଶୋଭାଯାତ୍ରାରେ ନିଆଯାଇ ବିସର୍ଜନ କରାଯାଇଛି। ଉକ୍ତ ପୂଜାମଣ୍ଡପର ଲଡୁକୁ ୧୧ ହଜାର ଟଙ୍କାରେ ନିଲାମ କରାଯାଇଛି। ବର୍ଷା ସତ୍ତ୍ୱେ ବିସର୍ଜନରେ ଅନେକ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା।

## ଦଶହରା ପାଇଁ ଶୁଭଖୁଣ୍ଟି ସ୍ଥାପନ

**ଗୁଣପୁର,୪।୯(ଡି.ଏନ୍.ଏ.)**

ରାୟଗଡା ଜିଲା ଗୁଣପୁର ସହର ଗାନ୍ଧୀ ନଗରରେ ଦଶହରା ପାଇଁ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ସୀମାଞ୍ଚଳ ପଣ୍ଡା କର୍ତ୍ତା କାର୍ଯ୍ୟ ସମ୍ପାଦନ କରିଥିବାବେଳେ ପ୍ରଭାତ କୁମାର ରଥଶର୍ମା ପୂଜକ ଦାୟିତ୍ୱ ତୁଲାଇଥିଲେ। କମିଟି ସଭାପତି ରବି କୌଶଲ୍ୟା, ସମ୍ପାଦକ ବଲକା ଶ୍ରୀରାମ, କୋଷାଧ୍ୟକ୍ଷ ସୁଧାକର ସିଂଙ୍କ ସମେତ ନରେଶ ଧୂଳି, ଶଙ୍କର ଶ୍ରୀରାମ, ଅମର କୌଶଲ୍ୟା, ଗୋପାଳ ଶ୍ରୀରାମ, ଅନନ୍ତ ନାଗ, କାଳିଆ ନାଗ, ଅନିଲ ନାଗ, ଚିନା ଶ୍ରୀରାମ ଉପସ୍ଥିତ ଥିଲେ।



ଗୁଣପୁର ସହର ଗାନ୍ଧୀ ନଗରରେ ଦଶହରା ପାଇଁ ଶୁଭଖୁଣ୍ଟି ସ୍ଥାପନ କରାଯାଉଛି।

## ଏପ୍ରିଲ୍‌ରୁ ମିଳିନି ପେନ୍‌ସନ: ଜିଲାପାଳଙ୍କ ଦ୍ୱାରସ୍ଥ କଳାକାର

**ପାରଳାଖେମୁଣ୍ଡି, ୪।୯ (ସ୍ୱ.ପ୍ର.)**

ଗଜପତି ଜିଲାର କଳାକାରମାନେ ପେନ୍‌ସନ୍ ସମସ୍ୟାକୁ ନେଇ ବୁଧବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପ୍ରକାଶଯୋଗ୍ୟ ଯେ, ଜିଲାର ଗୋଷାଣୀ ବ୍ଲକରେ୧୪୧ କଳାକାର ୨୦୧୯ ଏପ୍ରିଲରୁ କଳାକାର ପେନ୍‌ସନ୍ ପାଇ ନ ଥିବା ଅଭିଯୋଗ କରିଛନ୍ତି। ଏଥି ପୂର୍ବରୁ ସେମାନେ ପ୍ରତ୍ୟେକ ମାସରେ ପେନ୍‌ସନ୍ ବାବଦକୁ ୧୨ଶହ ଟଙ୍କା ଲେଖାଏ ପାଉଥିଲେ । ତେବେ ପେନ୍‌ସନ ବନ୍ଦ ନେଇ ଏନେଇ ସେମାନେ ସାଂସ୍କୃତିକ ଅଧିକାରୀ ଏବଂ ପରେ ଗୋଷାଣୀ ବିଡିଓଙ୍କୁ ପଚାରି ବୁଝିଥିଲେ। ତେବେ କୌଣସି ସନ୍ତୋଷଜନକ ଉତ୍ତର ନ ପାଇବାରୁ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ସମୟରେ ବଡ଼ଗାଁର ଦୀନବନ୍ଧୁ ବିଶ୍ୱାଳ, ଅରକ୍ଷିତ ପରିଡ଼ା ଯୁବରାଜପୁରର ଦୈତାରୀ ବିଶ୍ୱାଳ, ମଣ୍ଡଳଦେଇର ମାଲ ପଡ଼ିଆରୀ, ବାପୁଜୀପେଣ୍ଟର ବୃନ୍ଦାବନ ବିଶ୍ୱାଳ, ପୁରୁଣା କେରାଣ୍ଡିର ଏନ୍. ବୈରାଗୀ, ପି. ପ୍ରମୋଦ କୁମାର, ନୂଆକେରାଣ୍ଡିର ବିନୋଦ ମାଝୀଙ୍କ ସମେତ ଶତାଧିକ କଳାକାରମାନେ ଆସିଥିବାର ଦେଖିବାକୁ ମିଳିଛି ।



ଜିଲାପାଳଙ୍କୁ ଅଭିଯୋଗ ଜଣାଇବାକୁ ଆସିଥିବା କଳାକାରମାନେ।

■ ଉପରକୋଡିଙ୍ଗା ଆଶ୍ରମ ବିଦ୍ୟାଳୟ ବୁଲିଲେ ବିଧାୟକ

## ସ୍କୁଲ ସମସ୍ୟା ସମାଧାନ ପ୍ରତିଶ୍ରୁତି

**ଟିକିରି, ୪।୯(ଡି.ଏନ୍.ଏ.)**

ରାୟଗଡା ବିଧାୟକ ବୁଧବାର କାଶୀପୁର ବ୍ଲକ ବାଙ୍କାମ୍ବ ପଞ୍ଚାୟତ ଉପରକୋଡିଙ୍ଗା ଆଶ୍ରମ ବିଦ୍ୟାଳୟ ପରିଦର୍ଶନ କରି ସ୍କୁଲର ବିଭିନ୍ନ ସମସ୍ୟା ସମ୍ବନ୍ଧରେ ଆଲୋଚନା କରିଥିଲେ।

ସ୍କୁଲରେ ୫୪୦ ଛାତ୍ରୀଛାତ୍ରଙ୍କ ପାଇଁ ୮ଜଣ ଶିକ୍ଷକ ଅଛନ୍ତି। କିନ୍ତୁ ସ୍କୁଲରେ ପିଅନ ଆବଶ୍ୟକ ଥିବା ଶିକ୍ଷୟିତ୍ରୀ ଶିକ୍ଷକ କହିଥିଲେ। ସ୍କୁଲ ହଷ୍ଟେଲ ରୁମ୍ ବର୍ତ୍ତମାନ ବିପଦସଙ୍କୁଳ ଅବସ୍ଥାରେ ରହିଛି। କେତେକ ସ୍ଥାନରେ ପାଣି ଗଳୁ ଥିବାବେଳେ ଛାତରୁ ସିମେଣ୍ଟ କଂକ୍ରିଟ୍ ଖସି ରଡ ଦେଖାଗଲାଣି। ଏହାର ମରାମତି ଲାଗି ବିଧାୟକଙ୍କୁ ଅନୁରୋଧ କରାଯାଇଥିଲା। ବିଦ୍ୟାଳୟର ବିଭିନ୍ନ ସମସ୍ୟାକୁ ନେଇ ବିଭାଗୀୟ ମନ୍ତ୍ରୀ ଓ ଜିଲା ପ୍ରଶାସନ ସହିତ ଆଲୋଚନା କରି ତୁରନ୍ତ ଏହାର ସମାଧାନ କରାଯିବ ବୋଲି ସେ କହିଥିଲେ। ଏଥିସହ କ୍ଲାସ ରୁମ୍ ବୁଲି ଦେଖିଥିଲେ। ପିଲାମାନଙ୍କୁ ଠିକ୍‌ଭାବେ ପଢାଇବାକୁ ବିଧାୟକ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ବିଧାୟକ ପିଲାମାନଙ୍କୁ ପୋଷାକ ଓ ଜୋତା ବଣ୍ଟନ କରିଥିଲେ। ପ୍ରଧାନଶିକ୍ଷକ ରାମକୃଷ୍ଣ ହିଆଳ, ପ୍ରସନ୍ନ ନାୟକ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଧାୟକଙ୍କ ଏହି ପରିଦର୍ଶନ ବେଳେ ବାଙ୍କାମ୍ବ ସରପଞ୍ଚ ସୁଭଦ୍ରା ମାଣ୍ଡାଙ୍ଗି, ସାମାଜିକ କର୍ମୀ ବିଦ୍ୟାଧର ଦୁରିଆ, ଗୌରାଙ୍ଗ ସାହୁ, ସନ୍ତୋଷ ବିଶୋଇ, ଜିଲା ପରିଷଦ ସଭ୍ୟ ନୀଳକଣ୍ଠ ଝୋଡିଆ, ଡମ୍ବରୁ ମାଝି, ସାରଦା ନାଏକ, ଲୁଲି ମାଝି, ନାଗେଶ୍ୱର ଖସଲା, ପ୍ରଦୀପ ଖସଲା ଉପସ୍ଥିତ ଥିଲେ।

### ଛାତ୍ରୀଛାତ୍ରଙ୍କୁ ପୋଷାକ, ଜୋତା ବଣ୍ଟନ



ବିଧାୟକ ଜଣେ ଛାତ୍ରୀଙ୍କୁ ପୋଷାକ ବଣ୍ଟନ କରୁଛନ୍ତି।


Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ